# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**23 September – 2025**

**News Editor : Satya Narayan Pattanaik**

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱକୁ ଭାରତର ଆୟୁର୍ବେଦ ଏକ ଅମୂଲ୍ୟ ଅବଦାନ; କହିଲେ ମୁଖ୍ୟମନ୍ତ୍ରୀ
- ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତକୁ ନେଇ ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ହଟଗୋଳ, ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ଅଦ୍ୟାବଧି ୧୦ କୋଟିରୁ ଊର୍ଦ୍ଧ୍ୱ ଲୋକ ପାଇଛନ୍ତି ସ୍ୱାସ୍ଥ୍ୟସେବା
- ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଅଳଙ୍କାର' ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

# ମୁଖ୍ୟମନ୍ତ୍ରୀ - ଆୟୁର୍ବେଦ ଦିବସ

ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଏବଂ ପୃଥିବୀ ସହିତ ସମନ୍ୱୟ ରଖି ଚିକିତ୍ସା ଦୃଷ୍ଟିକୋଣକୁ ଆୟୁର୍ବେଦ ପ୍ରସ୍ତୁତ କରିଥାଏ । ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ ସମସ୍ତଙ୍କୁ ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମନୁଷ୍ୟର ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ପାଇଁ ଆୟୁର୍ବେଦ ବାର୍ତ୍ତା ଦେଇଥାଏ । ଚଳିତବର୍ଷଠାରୁ ଜାତୀୟ ଆୟୁର୍ବେଦ ଦିବସକୁ ଆଜିର ଦିନରେ ପାଳନ କରିବା ଏକ ଐତିହାସିକ ପଦକ୍ଷେପ । ଆୟୁର୍ବେଦ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବେସିତ । ଏହା ଏକ ଚିକିତ୍ସା ପଦ୍ଧତି ଏବଂ ଜୀବନ ଶୈଳୀ। ଚଳିତବର୍ଷ ଜାତୀୟ ଆୟୁର୍ବେଦ ଦିବସର ବାର୍ତ୍ତା ହେଉଛି **ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ ।**

ବିଶ୍ୱକୁ ଭାରତର ଆୟୁର୍ବେଦ ଏକ ଅମୂଲ୍ୟ ଅବଦାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆୟୁର୍ବେଦ ଏକ ଚିକିତ୍ସା ପ୍ରଣାଳୀ ଯାହା, ସମଗ୍ର ମାନବ ଜାତିର କଲ୍ୟାଣ ସହିତ ଜ୍ଞାନ ଓ ଦାର୍ଶନିକ ଦୃଷ୍ଟିକୋଣକୁ ଉପସ୍ଥାପିତ କରିଥାଏ। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ପାଳନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆୟୁର୍ବେଦ ଓ ଯୋଗ ମନୁଷ୍ୟ ସମାଜକୁ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ।

# - V/O -(CM)

ଆୟୁର୍ବେଦ ମନୁଷ୍ୟ ସମାଜର ଏକ ଜୀବନଧାରା ବୋଲି ଆଭିହିତ କରି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ୮୫ କୋଟି ଟଙ୍କା ବ୍ୟୟରେ ରାଇରଙ୍ଗପୁରଠାରେ ଏକ ନୂତନ ଆୟୁର୍ବେଦିକ ମହାବିଦ୍ୟାଳୟ ସ୍ଥାପନ କରାଯିବ। ଢ଼େଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ସମନ୍ୱିତ ଆୟୁଷ ହସ୍‌ପିଟାଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାଜ୍ୟ ସରକାର ଚଳିତବର୍ଷ ଆଉ ୮ଟି ନୂଆ ପଞ୍ଚକର୍ମ କେନ୍ଦ୍ର ସ୍ଥାପନ କରିବେ। ଆୟୁଷ ଚିକିତ୍ସା ପଦ୍ଧତିରେ ଅଧିକରୁ ଅଧିକ ଲୋକଙ୍କୁ ଉଚ୍ଚମାନର ଆୟୁର୍ବେଦିକ ସେବା ଯୋଗାଇ ଦିଆଯିବ।

କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ୩ଟି ସରକାରୀ ଆୟୁର୍ବେଦ କଲେଜ୍, ୪ଟି ସରକାରୀ ହୋମିଓପାଥି କଲେଜ ଏବଂ ୫ଟି ସରକାରୀ ଆୟୁର୍ବେଦିକ ଓ ୪ଟି ସରକାରୀ ହୋମିଓପାଥି ହସ୍‌ପିଟାଲ ଅଛି। ଏହାବ୍ୟତୀତ ୧ ହଜାର ୧୯୧ଟି ଆୟୁଷ ଡିସ୍‌ପେନ୍‌ସାରୀ ଉଭୟ ସହର ଓ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସହଜରେ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି।

ଆୟୁର୍ବେଦିକ ଚିକିତ୍ସା ମାଧ୍ୟମରେ ଚଳିତବର୍ଷ ରାଜ୍ୟରେ ୨ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

# ବିଧାନସଭା

ସପ୍ତଦଶ ବିଧାନସଭାର ପଞ୍ଚମ ଦିନରେ ବିରୋଧି ସଦସ୍ୟମାନଙ୍କର ହଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାମାତ୍ରେ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତ ପ୍ରସଙ୍ଗକୁ କେନ୍ଦ୍ର କରି ବିରୋଧ ପ୍ରଦର୍ଶନ କରିଥିଲେ। କଂଗ୍ରେସ ଦଳର ସଦସ୍ୟମାନେ ମଧ୍ୟ ନିଜ ଆସନରେ ଠିଆହୋଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଗୃହରେ ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ସୁରମା ପାଢ଼ୀ ପୂର୍ବାହ୍ନ ୧୦ ୫୦ ମିନିଟ୍ରୁ  ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି। ଗୃହରେ ପ୍ରଶ୍ନୋତ୍ତର କାଳ ମାତ୍ର ୨୦ ମିନିଟ୍ର ଚାଲିଥିଲା ଏବଂ ଏହି ସମୟ ମଧ୍ୟରେ ୩ଟି ତାରକା ପ୍ରଶ୍ନ ଆଲୋଚନା ହୋଇଥିଲା।

# ଆୟୁଷ୍ମାନ ଭାରତ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ ଆଜି ୭ ବର୍ଷ ପୂରଣ ହୋଇଛି। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଞ୍ଚିରେ ଆରମ୍ଭ ହୋଇଥିବା ଏହି ଯୋଜନା ବିଶ୍ୱର ସର୍ବବୃହତ୍ ସରକାରୀ ସ୍ୱାସ୍ଥ୍ୟ ଯୋଜନା ଭାବେ ପରିଗଣିତ ହୋଇଛି । ଦେଶରେ ପ୍ରାୟ ୫୫ କୋଟିରୁ ଅଧିକ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ଏହି ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଏହି ଯୋଜନା ଅଧୀନରେ ପରିବାର ଗୁଡ଼ିକୁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

ଯୋଗାଇ ଦେବା ସହ ଦେୟମୁକ୍ତ ଏବଂ କାଗଜମୁକ୍ତ ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ୧୦କୋଟି ୩୦ଲକ୍ଷରୁ ଅଧିକ ଲୋକ ଏହି ଯୋଜନାରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ସେବା ପାଇ ପାରିଛନ୍ତି । ୨୦୨୪ରେ ଅଙ୍ଗନବାଡି, ଆଶାକର୍ମୀ ଓ ସେମାନଙ୍କ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ଗତବର୍ଷ ଅକ୍ଟୋବରରେ ୭୦ବର୍ଷରୁ ଅଧିକ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯାଇଛି ।

## ପୁରୀ- ରତ୍ନଭଣ୍ଡାର ମରାମତି

**ପୁରୀ** ଶ୍ରୀମନ୍ଦିରରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀଗୁଡ଼ିକର ଆଜି ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି । ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଧିକୃତ ୧୧ ଜଣିଆ କମିଟି ଗଠନ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରତ୍ନଭଣ୍ଡାର ତଦାରଖ କମିଟିର ୨ ଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶାନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଗଜପତି ମହାରାଜାଙ୍କ ପ୍ରତିନିଧି ପ୍ରମୁଖ ଏହି କମିଟିରେ ସାମିଲ ଅଛନ୍ତି ।  ଆମ ପୁରୀ ସମ୍ବାଦଦାତା ସୌମିତ୍ର ହରିଚନ୍ଦନଙ୍କ ରିପୋର୍ଟ.....

## - V/O -(ସୌମିତ୍ର ହରିଚନ୍ଦନ)

## କଳିଙ୍ଗା ଘାଟି-ଭୂସ୍ଖଳନ

**ଗଞ୍ଜାମ** ଜିଲ୍ଲାରୁ କନ୍ଧମାଳ ଓ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ୧୫୭ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଲଗାଣ ବର୍ଷା ଯୋଗୁଁ କଳିଙ୍ଗା ଘାଟିରେ ମାଟି ଅତଡ଼ା ଖସିଯିବାରୁ ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଗତ ସପ୍ତାହରେ ବଡ଼ ଧରଣର ଭୂସ୍ଖଳନ ହେବା ଯୋଗୁଁ ୫୦ ମିଟର ଓସାର ଏବଂ ୫୦୦ ଫୁଟ ତଳକୁ ରାସ୍ତା ଧୋଇ ହୋଇଯାଇଥିଲା । ଯୁଦ୍ଧକାଳୀନ ଭିତ୍ତିରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତା ମରାମତି କାମ ଜାରି ରହିଥିଲେ ମଧ୍ୟ ଗତକାଲିଠାରୁ ଲଗାଣ ବର୍ଷା ଯୋଗୁଁ ନିର୍ମାଣକାର୍ଯ୍ୟ ଚାଲିଥିବା ରାସ୍ତା ପୁଣି ଥରେ କ୍ଷତିଗ୍ରସ୍ତ ହୋଇଛି । ବର୍ଷା ସମ୍ପୂର୍ଣ୍ଣ ରୂପେ ବନ୍ଦ ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କହିଛନ୍ତି ।

## ଚଲୋ ଜିତେଁ ହେଁ

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଚଲୋ ଜିତେଁ ହେଁ' ପୁନର୍ବାର ମୁକ୍ତିଲାଭ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୈଶବ ଆଧାରିତ ଏହି ଚଳଚ୍ଚିତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରଦର୍ଶିତ କରାଯାଇଛି ।

ନିସ୍ୱାର୍ଥପରତା, ସହାନୁଭୂତି ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର କାଳଜୟୀ ମୂଲ୍ୟବୋଧକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିଙ୍କ ମଧ୍ୟରେ ସୁଦୃଢ଼

କରିହେବ ବୋଲି ବିଶ୍ୱାସ କରାଯାଉଛି । ଚଳଚ୍ଚିତ୍ର ଦେଖିବା ପରେ ଜଣେ ଦର୍ଶକ ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି...

## - V/O –

## ଦୁର୍ଗାପୂଜା

ଶକ୍ତି ଉପାସନାର ପର୍ବ ନବରାତ୍ର ଅବସରରେ ରାଜ୍ୟର ବିଭିନ୍ନ ଶକ୍ତିପୀଠ ଏବଂ ମନ୍ଦିରଗୁଡ଼ିକରେ ମା’ ଦୁର୍ଗାଙ୍କ ଆଜି ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ବେଶରେ ପୂଜା କରାଯାଉଛି ।

**ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶ୍ୱରୀ ଆଜି ଶ୍ରଦ୍ଧାଳୁମାନଙ୍କୁ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଉଛନ୍ତି । ରାଜବାଟିର କନକଦୁର୍ଗା, ଭଗବତୀ, ରାମଚଣ୍ଡୀ, ସମଲେଇ, ଦଶମତୀ ଆଦି ଅଷ୍ଟଚଣ୍ଡୀ ମନ୍ଦିରରେ ଷୋଡଶ ଉପଚାରରେ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ଚାଲିଛି ।

**ଢେଙ୍କାନାଳ** ସହରରେ ଥିବା ଗାୟତ୍ରୀ ଶକ୍ତିପୀଠ, କନକଦୁର୍ଗା ମନ୍ଦିରରେ ନବରାତ୍ର ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମା’ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେଉଛି ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ଠାରେ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗୁଣାତ୍ମକ ବିହନ ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୃଷି ଅଧିକାରୀ,

ରାଣୀତାଲ  କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଧାନ ଗବେଷଣା କେନ୍ଦ୍ର ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ଉନ୍ନତ ଧାନ କିଷମର ଗୁଣାବଳି, ବିହନ ଉତ୍ପାଦନ ପଦ୍ଧତି ଏବଂ ଆଧୁନିକ ପ୍ରଣାଳୀରେ ଚାଷ କରି ଆତ୍ମନିର୍ଭରଶୀଳ ହେବା ସହ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଚାରାରୋପଣ

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି **ନୂଆପଡ଼ା** ଜିଲ୍ଲା ଗସ୍ତ କରି ଖଡିଆଳଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଯୋଗଦେଇଛନ୍ତି। ଖଡିଆଳଠାରେ ସେବାପକ୍ଷ ଉପଲକ୍ଷେ ଆୟୋଜିତ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିବା ସହ ଏକ ରକ୍ତଦାନ ଶିବିରର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

## ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ଗୁରୁବାର ଦିନ ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶୁକ୍ରବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ  ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତର ରୂପ ନେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଲାଗି ରହିବ ।

ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ୮୦ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।